## ସାହିତ୍ୟ ଏକାଡେମୀ ପୁରସ୍କାର ସମାରୋହ

# ଲେଖକମାନେ ଶବ୍ଦର କାରିଗର



ଭୁବନେଶ୍ୱର, ୮ ।୩ (ସମିସ): ସାହିତ୍ୟୋତ୍ସବର ଦ୍ୱିତୀୟ ଦିବସରେ ନୂଆଦିଲ୍ଲୀସ୍ଥିତ କମାନି ପ୍ରେକ୍ଷାଳୟରେ ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୪ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ଏହି ସମାରୋହରେ ଉପସ୍ଥିତ ରହି

### ପୁରସ୍କାର ଗ୍ରହଣ କଲେ ପ୍ରଫେସର ବୈଷ୍ଣବ ଚରଣ ସାମଲ

ପୁରସ୍କାର ଗ୍ରହଣ କରିଛନ୍ତି ବିଶିଷ୍ଟ ଓଡ଼ିଆ ଲେଖକ ପ୍ରଫେସର ବୈଷ୍ଣବ ଚରଣ ସାମଲ । ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଇଂରାଜୀ ନାଟ୍ୟକାର ମହେଶ ଦତ୍ତାନୀ । ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଏକାଡେମୀର ଉପାଧ୍ୟକ୍ଷ ପ୍ରଫେସର କୁମୁଦ ଶର୍ମା ସମାପନୀ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ମହେଶ ଦତ୍ତାନୀ କହିଥିଲେ ଯେ ଲେଖକମାନେ ଶବ୍ଦର କାରିଗର ଏବଂ ଆମ ଦେଶର ଭାଷାଗତ ବିବିଧତାକୁ ସଂରକ୍ଷଣ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ବିବିଧତା ଆମର ଜାତୀୟ ପରିଚୟ । ଏହାକୁ ବଜାୟ ରଖିବା ଏବଂ ସଂରକ୍ଷଣ କରିବା ଗୁରୁତ୍ୱପୂର୍ଣ୍ଣ । ସଭାପତିତ୍ୱ ଭାଷଣରେ ମାଧବ କୌଶିକ କହିଥିଲେ ଯେ ଏକାଡେମୀର ୭୦ ବର୍ଷର ଇତିହାସ ପାଇଁ ଆମେ ଗର୍ବ କରିବା ଉଚିତ ଯେ ଆଜି ଆମେ ବିଶ୍ୱର ସବୁଠାରୁ ବଡ଼ ପ୍ରକାଶନ ସମୂହ ମଧ୍ୟରୁ ଗୋଟିଏ । ଯେକୌଣସି ଦେଶର ପରିଚୟ ସ୍ୱରୂପ ଭାଷାଗତ ବିବିଧତାକୁ ଏଠାରେ ସମ୍ପୂର୍ଣ୍ଣ ଏକତା ଭାବରେ ଦେଖାଯାଇପାରିବ । ସାହିତ୍ୟିକମାନଙ୍କର ସମ୍ବେଦନଶୀଳତାର ପରିସର ବହୁତ ବିସ୍ତୃତ । ସାହିତ୍ୟୋତ୍ସବ ତଥା ପୁରସ୍କାର ପ୍ରଦାନ ସମାରୋହ ଭାରତୀୟ ସୃଜନଶୀଳତାର ଏକ ଉତ୍ସବ । ସାହିତ୍ୟ ଏକାଡେମୀର ଉପାଧ୍ୟକ୍ଷ କୁମୁଦ ଶର୍ମା ସମାପନୀ ବକ୍ତବ୍ୟରେ କହିଥିଲେ ଯେ ଲେଖକ ଜଣେ ସାଧକ । ପ୍ରାରମ୍ଭରେ ସ୍ୱାଗତ ଭାଷଣରେ ସାହିତ୍ୟ ଏକାଡେମୀର ସଚିବ କେ. ଶ୍ରୀନିବାସରାଓ କହିଥିଲେ ଯେ ପ୍ରତ୍ୟେକ ପୁରସ୍କାର ଲେଖକଙ୍କୁ ଶକ୍ତି ପ୍ରଦାନ କରେ ଏବଂ ତାଙ୍କୁ ଏକ ବୃହତ ପାଠକ ସମାଜ ସହ ଯୋଡ଼େ । ସମାରୋହରେ ୨୨ ଜଣ ସାହିତ୍ୟିକଙ୍କୁ ପୁରସ୍କୃତ କରିଥିଲେ ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକ ।

ଗତକାଲି ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଏସିଆର ସର୍ବବୃହତ ସାହିତ୍ୟୋତ୍ସବ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଉଦଘାଟିତ ହୋଇଥିଲା ।